## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରମ୍ଭା,୪।୨:ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ସଭାଗୃହ ପରିସରରେ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅଧକ୍ଷ ପ୍ରସାଦ ରାଓ ପୃଷ୍ଟିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରମ୍ଭା ଏନ୍‌ଏସି ଅଧକ୍ଷା ମାନସୀ ସ୍ୱାଇଁ, ସମ୍ମାନିତ ଅତିଥି ରମ୍ଭା ଥାନା ଏଏସ୍‌ଆଇ ଛବିରାଣୀ ନାୟକ, ଅଧକ୍ଷ ପ୍ରତିନିଧି କାହ୍ନା ସ୍ୱାଇଁ, ସଂଯୋଜକ ଅମ୍ବିକା ପ୍ରସାଦ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ହୋଇ ଅଭିଭାଷଣ ମାଧମରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର କୌଶଳ ଉପରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ରୂପେ କଲ୍ୟାଣୀ କୁମାରୀ ପଣ୍ଡା, ଭାରତୀ ଗୌଡ଼ ତାଲିମ୍ ଦେଉଥିବା ବେଳେ ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣରେ ୧୩୩ ଛାତ୍ରୀ ଭାଗ ନେଇଥିଲେ।

### ଆଜି କ'ଣ କେଉଁଠି

ବ୍ରହ୍ମପୁର

- ସାମନ୍ତରାୟ ଏକାଡେମୀର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ। ସ୍ଥାନ- ଗୋଷାଇଁ ନୂଆଗାଁ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା

### ସଂକ୍ଷେପରେ

## ଗଞ୍ଜାମ କଲେଜରୁ ଚୋରି ଦାମୀ ମୋବାଇଲ ଜବତ

ଗଞ୍ଜାମ,୪।୨(ଡି.ଏନ.ଏ.):ଗଞ୍ଜାମ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ଉଦ୍ୟମ ଯୋଗୁଗଞ୍ଜାମ କଲେଜରୁ ଚୋରି ହୋଇଯାଇଥିବା ତିନି ଦାମୀ ମୋବାଇଲ ପୋଲିସ ଉଦ୍ଧାର କରିଛି। କିଛି ମାସ ତଳେ ଗଞ୍ଜାମ କଲେଜର ଅଡ଼ିଟୋରିୟମ ହଲରେ ପରୀକ୍ଷା ଚାଲିଥିବା ବେଳେ ଛାତ୍ରୀଛାତ୍ରମାନେ ନିଜ ବ୍ୟାଗ ରଖି ପରୀକ୍ଷା କକ୍ଷକୁ ଯାଇଥିଲେ। ପରୀକ୍ଷା ଶେଷ ହେବାପରେ ତିନିଜଣ ଛାତ୍ରଙ୍କ ବ୍ୟାଗରୁ ମୋବାଇଲ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଛାତ୍ର ମାନେ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬/୨୦୨୩ରେ ମାମଲା ରୁଜୁ କରି ତିନି ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖି ସେମାନଙ୍କ ନିକଟରୁ ମୋବାଇଲ ଜବତ କରିଛି।

## ଖେମୁଣ୍ଡି ଖଲାସୀ ସଂଘର ଆଲୋଚନା ସଭା

ଦିଗପହଣ୍ଡି,୪।୨(ଡି.ଏନ.ଏ.):ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ କାର୍ଯ୍ୟାଳୟରେ ଶନିବାର ଖେମୁଣ୍ଡି ଖଲାସୀ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଜିଲା କାର୍ଯ୍ୟକର୍ତ୍ତା ଅଳକ ନାଥ ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ସଂଘର ଅଭିବୃଦ୍ଧି ଏବଂ ବିବିଧ ସମସ୍ୟା ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସ୍ଥାନୀୟ କାନରା ବ୍ୟାଙ୍କରେ ସଂଘର ଯୁଗ୍ମ ଜମା ଖାତା ଖୋଲାଯିବା ସହ ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ସଂଘର ସମ୍ପାଦକ ପାଣ୍ଡବ ସେଠୀ, କୋଷାଧକ୍ଷ ଶୁକଦେବ ବେହେରା, କାର୍ଯ୍ୟକର୍ତ୍ତା ଯୁଧିଷ୍ଠିର ଦାସ, ଉଲା ସେଠୀ, ପିଣ୍ଟୁ ଦାସ, ଗାଣ୍ଡୁ ସେଠୀ, ଆନନ୍ଦ ସେଠୀ, ରୋହିତ ସେଠୀ, ଉଜ୍ଜଳ ସେଠୀ, ସନ୍ତୋଷ ସେଠୀ ଯୋଗଦେଇଥିଲେ।

## ଚିକିଟିପେଣ୍ଠ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ଚିକିଟି,୪।୨(ଡି.ଏନ.ଏ.):ଚିକିଟିପେଣ୍ଠ ସ୍ଥିତ ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଚିକିଟି ବିଡିଓ ହଳଧର ଶବର ଉଦ୍‌ଘାଟନ କରିଥିଲେ। ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ଡାକ୍ତର ପ୍ରଭୁ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ପୁରାତନ ଛାତ୍ର ଓ ସମସ୍ତ ଶିକ୍ଷକ ମା ବାଳକୁମାରୀ ମନ୍ଦିରକୁ ଯାଇ ଦୀପ ପ୍ରଜ୍ୱଳନ କରି ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। ପୁରାତନ ଛାତ୍ର ସଂଘର ସଭାପତି ପ୍ରଭୁ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅରୟୋଜିତ ଏହି ଉଦଘାଟନ ଉତ୍ସବରେ ରାଜ୍ୟ କୃଷି ମନ୍ତ୍ରୀ ନରେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଉଷା ଦେବି, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା, ବ୍ରହ୍ମପୁର ବଡ଼ମେଡିକାଲର ଅବସରପ୍ରାପ୍ତ ଡାକ୍ତର ବି ନାଗେଶ୍ୱର ସୁବୁଦ୍ଧି, ଚିକିଟି ଏନ୍‌ଏସି ଅଧକ୍ଷା ଦୀପା କୁମାରୀ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାମାଙ୍କନ ଦାଖଲ

ଆସିକା, ୪।୨ (ଡି.ଏନ.ଏ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ଡାଇରେକ୍ଟର ତନୁଲତା ବିଷୋୟୀ ଶନିବାର ମଧାହ୍ନରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ୧୩ ନଂ ଜୋନର ଡାଇରେକ୍ଟର ପଦବୀ ଲାଗି ବିଜେଡି ସମର୍ଥିତ ପ୍ରାର୍ଥି ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ରାଜ୍ୟ ସମବାୟ ବ୍ୟାଙ୍କ ନିର୍ବାଚନୀ ଅଧିକାରୀ, ଭୁବନେଶ୍ୱରଙ୍କ ନିକଟରେ ତାଙ୍କର ପ୍ରସ୍ତାବକ ଓ ସମର୍ଥକଙ୍କ ଗହଣରେ ଯାଇ ଏହି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଦାଖଲ ସମୟରେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ଡାଇରେକ୍ଟର ପ୍ରମୋଦ କୁମାର ସ୍ୱାଇଁ, ନାର୍ଶୁ ପ୍ରଧାନ ଏବଂ ନନ୍ଦ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ଭୁବନେଶ୍ୱରର ଏକ ସୁପର ମାର୍କେଟକୁ ନେଇ ଏହି ଜୋନ ଗଠିତ ହୋଇଥିବା ଜଣାଯାଇଛି ।

# ସ୍ମାର୍ଟକେମ୍ ଆମୋନିୟମ ନାଇଟ୍ରେଟ୍ ପ୍ଲାଣ୍ଟକୁ ବିରୋଧ ଜାରି



ତ୍ରିପାକ୍ଷିକ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ।

## ୬୬ ଜଣଙ୍କୁ ନୋଟିସ୍

ଛତ୍ରପୁର,(ଡି.ଏନ.ଏ): ଛତ୍ରପୁର ବ୍ଲକ କାଳିପଲ୍ଲୀଠାରେ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ୍ କମ୍ପାନୀର ପ୍ରକଳ୍ପ ସ୍ଥାପନ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିବାରୁ ପୋଲିସର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଏହାକୁ ଗାଁ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଏକ ବୈଠକ କରି ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୬୬ ଜଣଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି ହେଲାଣି । ସେଥିରୁ ୧୩ଜଣଙ୍କୁ ସିଆରପିସିର ୧୦୭ରେ ନୋଟିସ୍ ଜାରି କରାଯାଇଥିବା ବେଳେ ଅନ୍ୟ ୫୩ ଜଣଙ୍କୁ ୧୧୨ରେ ନୋଟିସ୍ ଜାରି କରାଯାଇଥିବା ଗାଁ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ୧୩ ଜଣ ମାଜିଷ୍ଟ୍ରେଟ୍ ଆଗରେ ହାଜର ହୋଇସାରିଛନ୍ତି। ତେବେ ଆଉ ଅନ୍ୟ ୫୩ ଜଣ ମାଜିଷ୍ଟ୍ରେଟ୍ ଆଗରେ ହାଜର ହେବେନି ବୋଲି ଗାଁ କମିଟି ବୈଠକରେ ନିଷ୍ପତି ନେଇଛନ୍ତି । ସମସ୍ତ ଗାଁ ଲୋକଙ୍କୁ ନୋଟିସ୍ ଜାରି କରାଯାଉ ଏବଂ ସମସ୍ତ ଲୋକ ଛତ୍ରପୁର ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିବୁ ବୋଲି କୁହାଯାଇଛି । ବିନା ଜନଶୁଣାଣି ଏବଂ ବିଷାକ୍ତ ଗ୍ୟାସ ଏହି ପ୍ରକଳ୍ପରୁ ନିର୍ଗତ ହେବାକୁ ଥିବାରୁ ଏହା ସ୍ଥାପନ କୁ ବିରୋଧ କରିବାକୁ ଏପରି ନୋଟିସ୍ ଦିଆଯାଉଛି । ଏହାକୁ ଗାଁ କମିଟି ସଭାପତି ବି.ମୋହନ ପାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

### ଜିଲାପାଳଙ୍କ ଆଲୋଚନା ବୈଠକ ବିଫଳ

ଛତ୍ରପୁର,୪।୨(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟ ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ସ୍ମାର୍ଟକେମ ଟେକ୍ନୋଲୋଜିର ଆମୋନିୟମ ନାଇଟ୍ରେଟ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରିରହିଛି। ଉକ୍ତ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସରେ ସ୍ଥାନୀୟ ୧୮ ଗାଁର ଲୋକେ ବିଶେଷ ପ୍ରଭାବିତ ହେବେ ବୋଲି ଆଶଙ୍କା କରି ଲୋକେ ଏହି ପ୍ଲାଣ୍ଟ ସ୍ଥାପନକୁ ଗତ କିଛି ମାସ ହେଲା ବିରୋଧ କରିଆସୁଛନ୍ତି । ଅପରପକ୍ଷରେ ଶନିବାର ଏ ସମ୍ପର୍କରେ ଆଲୋଚନା ପାଇଁ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧକ୍ଷତା କରିଥିଲେ। ତେବେ ଏହି ଆଲୋଚନା ବୈଠକରୁ କୌଣସି ନିଷ୍କର୍ଷ ବାହାରିପାରିନି । ଫଳରେ ଆଲୋଚନା ବିଫଳ ହୋଇଥିବା ଗାଁ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି କମ୍ପାନୀ ସ୍ଥାପନକୁ ବିରୋଧ ଜାରିରହିବ ବୋଲି ଉକ୍ତ ବୈଠକରେ ଗାଁ କମିଟିର ପ୍ରତିନିଧିଦଳ ରୋକଠୋକ୍ ଶୁଣାଇଥିଲେ । ଏଥିସହ ଏହା ବଦଳରେ ଆଉ କୌଣସି କମ୍ପାନୀ ଏଠାରେ ସ୍ଥାପନ ହେଲେ ସ୍ୱାଗତ କରିବୁ ଏବଂ ଜନଶୁଣାଣି କରାଯାଉ ବୋଲି ଗାଁ କମିଟି ପକ୍ଷରୁ କୁହାଯାଇଥିଲା । ଆଗାମୀ ୭ ଦିନ ମଧ୍ୟରେ ଗାଁରେ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ସମେତ ପୋଲିସ ଓ ପ୍ରଶାସନିକ ଅଧିକାରୀ ଏବଂ ଗାଁ କମିଟି ସଭାପତି ବି.ମୋହନ ପାତ୍ର, କୋଷାଧକ୍ଷ ଘନଶ୍ୟାମ ସାହୁ, ଗୁରୁଦେବ ବେହେରା, ଏସ.ଲାଛେୟା ରେଡ୍ଡୀ, ବି.ଗୌରେୟା ପାତ୍ର, କେ. ଗଣେଷ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ବିସ୍ଫୋରଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଫୁଲବାଣୀ ଅଫିସ, ୪।୨

ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତରେ ଥିବା ଏକ ଇଂଲିଶ ମିଡିୟମ ସ୍କୁଲରେ ଗତ ବୁଧବାର ବିସ୍ଫୋରଣ ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) ଦାବି କରିଛି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ବିସ୍ଫୋରଣରେ ଗୁରୁତର ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜୋସ ନାୟକଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ । ବିସ୍ଫୋରଣରେ ଠିକା ସଂସ୍ଥାର ଅବହେଳା ଖବର ସାମ୍ନାକୁ ଆସୁଛି । ତେଣୁ ସେହି ଠିକା ସଂସ୍ଥା ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଏହି ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟର ଅବହେଳା ମଧ୍ୟ ରହିଛି । ତେଣୁ ସେହି ବିଦ୍ୟାଳୟ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ଜିଲା ପ୍ରମୁଖ ଶିବାଶିଷ ପଣ୍ଡା ପ୍ରକାଶ କରିଛନ୍ତି । ରାଜ୍ୟ ସହ ସମ୍ପାଦିକା ସୁଶ୍ରୀ ସନା କହଁର, ଜିଲା ସଂଯୋଜକ ରୁଦ୍ରପ୍ରସାଦ ସେଠି, ରାଜବୀର ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭମଜ୍ୟୋତି ପ୍ରଧାନ, ମଧୁସୂଦନ ବେହେରା, ସୁଧୀର ମଲ୍ଲିକ, ରାହୁଲ ସାହୁ, ସୁନୀଲ କୁମାର ପ୍ରଧାନ ଆଦି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଆବାସ ଯୋଜନାରେ ହିତାଧିକାରୀ ବାଦ୍ ପ୍ରତିବାଦରେ ଧାରଣା

ଜି.ଉଦୟଗିରି/ଖଲ୍ଲିକୋଟ(ଡି.ଏନ୍.ଏ.),୪।୨



ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପାର ଧାରଣା ।

ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବା ପ୍ରତିବାଦରେ ଶନିବାର ଭାଜପା ମଣ୍ଡଳସ୍ତରୀୟ ସଭାପତି ମାୟାବନ୍ଧୁଙ୍କ ନେତୃତ୍ୱରେ ବହୁ ଭାଜପା କାର୍ଯ୍ୟକର୍ତ୍ତା ସ୍ଥାନୀୟ ଅତିରିକ୍ତ ଉପଜିଲାପାଳ କାର୍ଯ୍ୟାଳୟ ପରିସରରୁ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । କୃଷକ ମୋର୍ଚ୍ଚା ସଭାପତି ମାନଗୋବିନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ଅବନେଶ୍ୱର ପ୍ରଧାନ, ନଗର ସଭାପତି ଉଦେଶନ ପ୍ରଧାନ, ସତ୍ୟଭାମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆବାସ ଯୋଜନା ଦୁର୍ନୀତି ଉପରେ ସରକାରଙ୍କ ଉପରେ ବର୍ଷିଥିଲେ । ଶତାଧିକ ମହିଳା ଓ ପୁରୁଷ ଧାରଣାରେ ବସିବା ସହ ବ୍ଲକର ବରିଷ୍ଠ କିରାଣୀ ସନକ କହଁରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, ଏସ୍‌ଆଇ ଅନନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖଲ୍ଲିକୋଟ ବ୍ଲକ ଓ ଏନଏସିରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ କୃଷ୍ଣ ଚନ୍ଦ୍ର ରଥଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏଥିସହ ଏନଏସିରେ ମଧ୍ୟ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗଞ୍ଜାମ ଜିଲା ସଭାପତି ଗକୁଳା ନନ୍ଦ ମଳିକଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଜଙ୍ଘ ନାରାୟଣ ଦାଶ, ଖଲ୍ଲିକୋଟ ଏନ୍‌ଏସି ପୂର୍ବତନ ଅଧକ୍ଷ ତଥା ନଗର ଭାଜପା ସଭାପତି ସଙ୍କର ପ୍ରସାଦ ନାହାକ, ଅଶୋକ ଦାଶ, ସୁରେଶ ସାହୁଙ୍କ ସମେତ ଶତାଧିକ କର୍ମୀ ବ୍ଲକ ସମୁଖରେ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଆଗାମୀ ଆଠ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ବ୍ଲକ ସମୁଖରେ ଧାରଣା ଦେବେ ବୋଲି ଜଙ୍ଘନାରାୟଣ ଦାଶ ପ୍ରକାଶ କରିଥିଲେ ।

## ଭାଜପା କାର୍ଯ୍ୟକାରିଣୀ ବୈଠକ

ଗୋପାଳପୁର,୪।୨(ଡି.ଏନ.ଏ.)

ଗୋପାଳପୁର ସ୍ଥିତ ମା ତୋଟାଲାଆମ୍ମା ମନ୍ଦିର ପ୍ରାଙ୍ଗଣରେ ଶନିବାର ଭାଜପା ପକ୍ଷରୁ ଗୋପାଳପୁର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ନଗର ସଭାପତି ପଞ୍ଚୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ଜିଲା ଉପସଭାପତି ଡ.ସୁବାସ ସାହୁ, ବରିଷ୍ଟ ନେତା ରଘୁନାଥ ବେହେରା, ସରୋଜ ରଥ, ବି.ରାମାରାଓ, କାଉନସିଲର କେ.କଲେଶୁ, ପି.ସତ୍ୟାଲୁ, ଏ.ଚେନେୟା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୋପାଳପୁର ମଣ୍ଡଳର ନୂତନ କାର୍ଯ୍ୟକାରିଣୀ ଗଠନ ହେବା ସହ ସାଙ୍ଗଠନିକ ବିଷୟରେ ଆଲୋଚନା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରିଥିଲେ। ସରୋଜ କୁମାର ରଥ ରାଜନୈତିକ ପ୍ରସ୍ତାବ ଆଗତ କରି ଗୋପାଳପୁର ଏନ୍‌ଏସି ତରଫରୁ ୟୁଜର ଫି ଆଦାୟ ବନ୍ଦ କରିବା, ସ୍ଥାନୀୟ ପ୍ରକଳ୍ପରେ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା, ବେଳାଭୂମିରେ ଥିବା ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ବ୍ୟବସ୍ଥା, ଗୋପାଳପୁରରୁ ବ୍ରହ୍ମପୁର ଟାଉନ ବସ୍ ସେବାକୁ ରାତ୍ର ଅଧିକ ସମୟ ପର୍ଯ୍ୟନ୍ତ ଚାଲୁ ରଖିବା ଆଦି ଦାବିଉପସ୍ଥାପନ କରିଥିଲେ। ଏହି ବୈଠକରେ କାଳିଦାସ ଗୌଡ଼, ନାଗେଶ୍ୱର ରାଓ, ଏ.କ୍ରିଷ୍ଣା, ଗୋମତୀ ମହାନ୍ତି, ଏନ୍.ଭୁଲକ୍ଷ୍ମି, ଏ.ମୋହନ, ବାପୁଜୀ ଅଧିକାରୀ, ରାମ ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜି.ନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଘୂରିବୁଲୁଛି ଅସୁସ୍ଥ ହାତୀ

### ୬ ମାସରେ ୪ ଦନ୍ତାହାତୀ ମୃତ



ଅସୁସ୍ଥ ହାତୀ।

ଭଞ୍ଜନଗର,୪।୨(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ରେଞ୍ଜରେ ଏକ ହାତୀ ଆଜକୁ କିଛି ଦିନ ହେବ ଅସୁସ୍ଥ ହୋଇ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ବନ ବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ଏଥିସହ ବେଲଗୁଣ୍ଠା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାକେଶ ପତିଙ୍କ ସହିତ ବନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ହାତୀର ଚିକିତ୍ସା ପାଇଁ ପଦକ୍ଷେପ ନେଇଛନ୍ତି। ହାତୀଟି ଲୋକଙ୍କୁ ଦେଖିଲେ ଗୋଡ଼ାଉ ଥିବା ଯୋଗୁ ଚିକିତ୍ସାରେ ବାଧା ଉପୁଜିଛି। ତେବେ ହାତୀ ସମସ୍ୟା ଉତ୍ତର ଘୁମୁସର ବନଖଣ୍ଡକୁ ଛାଡୁନାହିଁ। ଏହାପୂର୍ବରୁ ବିଗତ ୬ ମାସ ମଧ୍ୟରେ ୪ଟି ଦନ୍ତାହାତୀଙ୍କ ମୃତ୍ୟୁ ହେଲାଣି। ସେଥିମଧ୍ୟରୁ ଦୁଇଟି ଦନ୍ତାହାତୀକୁ ଶିକାରୀମାନେ ହତ୍ୟା କରି ତାର ଦାନ୍ତ କାଟି ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବନ ବିଭାଗ ଲୁଟ ଦାନ୍ତକୁ ଜବତ କରିବାରେ ସକ୍ଷମ ହୋଇଥିଲା। ଅନ୍ୟ ଦୁଇଟି ହାତୀ କିଭଳି ମୃତ୍ୟୁବରଣ କରିଛି ସେ ନେଇ ସଠିକ ଜଣାପଡିନାହିଁ।

## ନିଳମ୍ବିତ ଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳନ

ପାରଳାଖେମୁଣ୍ଡି,୪।୨(ଡି.ଏନ.ଏ):

ଗଜପତି ଜିଲା ରାୟଗଡ଼ସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ମାଡ଼ମାରିବା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ଶୁକ୍ରବାର ନିଲମ୍ବିତ କରିଥିଲେ । ଶନିବାର ସ୍କୁଲର ଛାତ୍ରୀଛାତ୍ର କେକ୍ କାଟି ନିଲମ୍ବିତ ଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳନ କରିଛନ୍ତି । ପ୍ରକାଶ ଯେ ଗୁରୁବାର ଉକ୍ତ ବିଦ୍ୟାଳୟରେ ପିଲାମାନେ ବିଦ୍ୟୁତ ତାର ନିକଟରେ ବିପଦ ଶଙ୍କୁଳ ଅବସ୍ଥାରେ ଖେଳୁଥିବା ଦେଖି ଶିକ୍ଷୟତ୍ରୀ ସୁମିତ୍ରା ନାୟକ ସେଠାରେ ନଖେଳି ଶ୍ରେଣୀ ଗୃହରେ ବସିବାକୁ କହିଥିଲେ । ବାରମ୍ବାର କହିଲା ସତ୍ତ୍ୱେ ପିଲାମାନେ ନଶୁଣିବାରୁ ନିକଟରେ ପଡ଼ିଥିବା ବେତରେ ତିନିଜଣ ପିଲାଙ୍କୁ ପିଟିଥିଲେ । ଉକ୍ତ ଘଟଣାକୁ ନେଇ ଅବିଭାବକମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ଆଣିବାରୁ ଶୁକ୍ରବାର ତିନି ଅଭିଭାବକଙ୍କ ସମେତ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ. ପାପା ରାଓ, ସିଆରସିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ପରେ ଅଭିଭାବକମାନେ ପାରଳାଖେମୁଣ୍ଡି ଯାଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନିଲମ୍ବନ ଦାବି କରିଥିଲେ । ପରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ନିଲମ୍ବନ କରିଥିଲେ। ତେବେ ଶନିବାର ନିଲମ୍ବିତ ଶିକ୍ଷୟତ୍ରୀଙ୍କ ଜନ୍ମଦିନ ଥିବାରୁ ପିଲାମାନେ ବିଦ୍ୟାଳୟ ପରିସରରେ ହିଁ ଜନ୍ମଦିନ ପାଳନ କରି ସେମାନଙ୍କ ଦିଦିଙ୍କୁ କେତେ ଭଲ ପାଉଛନ୍ତି ତାହାକୁ ପ୍ରମାଣ କରି ଦେଖାଇଛନ୍ତି । ନିଲମ୍ବନ ପ୍ରତିବାଦରେ ଆନ୍ଦୋଳନ କରିବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ମାନେ ପ୍ରକାଶ କରିଛନ୍ତି ।

## ନିଆଁ ଲାଗି ଧାନ ନଷ୍ଟ

ହିଞ୍ଜିଳିକାଟୁ,୪।୨(ଡି.ଏନ.ଏ)

ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ଗ୍ରାମରେ ଏକଷଖଳାରେ ଶନିବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ଯାଇଛି। ନିଆଁ କିପରି ଲାଗିଲା, ତାହା ସ୍ପଷ୍ଟ ଜଣାପଡିନାହିଁ। ହିଞ୍ଜିଳିକାଟୁ ଅଗ୍ନିଶମ ଓ ସେବା ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ଗ୍ରାମର କାହ୍ନୁଚରଣ ପାଣିଗ୍ରାହୀ ୧୦ ଭରଣ ଜମିରେ ଅମଳ ହୋଇଥିବା ଧାନ ବିଡ଼ା ଖଳାରେ ରଖିଥିଲେ। ନିକଟରେ ଥିବା ଖଳାରେ ଚାଷୀମାନେ ଅମଳ ଧାନ ସଂଗ୍ରହ କରି ପାଳ ଗଛିତ ରଖିଥିଲେ। ଶନିବାର ଅପରାହ୍ନରେ କାହ୍ନୁଚରଣଙ୍କ ଧାନ ଗଦାରେ ନିଆଁ ଲାଗିଥିଲା।

## ଜାତୀୟ ହସ୍ତଶିଳ୍ପ ମେଳା: ଗଜପତି କଳାକାରଙ୍କ ନୃତ୍ୟ ପ୍ରଦର୍ଶନ

ପାରଳାଖେମୁଣ୍ଡି,୪।୨(ଡି.ଏନ୍.ଏ.)

ଭୁବନେଶ୍ୱର ସ୍ଥିତ ଜନତା ମଇଦାନଠାରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ୍ର ଓ ବୟନଶିଳ୍ପ ବିଭାଗ ପକ୍ଷରୁ ଚାଲିଥିବା ୧୭ ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାର ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ ଜିଲା ପାରଳାଖେମୁଣ୍ଡିର କ୍ରିଏଟିଭ ଆର୍ଟସର କଳାକାର ମାନେ। ଜିଲାର ପାରମ୍ପରିକ ଲାଞ୍ଜିଆ ସଉରା ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଜାତୀୟ ମେଳାରେ ଗଜପତିର କଳାକାର ମାନଙ୍କ ନୃତ୍ୟ ପ୍ରଦର୍ଶନ ରାଜଧାନୀ ବାସୀଙ୍କ ମନ ମୋହିଥିଲା । କିଛି ବର୍ଷ ପରେ ପାରଳାର ଯୁବ କଳାକାରମାନେ ପୁଣି ଜାତୀୟ ମେଳାରେ କଳା ପ୍ରଦର୍ଶନ କରିଥିବାରୁ କଳାକାରଙ୍କ ମହଲରେ ବେଶ ଆନନ୍ଦ ପ୍ରକାଶ ପାଇଛି । ନୃତ୍ୟରେ ସୁଦାମ ବରାଡ଼, ହାଡୁ ରାଉଳ, ଶିବ ପ୍ରଧାନ, କିଶୋର ଦାସ, ମନୋଜ ପାଣିଙ୍କ ସମେତ ଅନେକ ଯୁବ କଳାକାର ଭାଗ ନେଇଥିଲେ ।




ତୋଷାଳି ମେଳାରେ ଗଜପତି କଳାକାରଙ୍କ ନୃତ୍ୟ ପରିବେଷଣ ।

## ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୪।୨(ଡି.ଏନ.ଏ.)

ଗୋପାଳପୁର ଥାନା ପୋଲିସ ଶନିବାର ଜୈନିକ ଯୁବକଙ୍କ ମୃତଦେହକୁ ପୁକୁଡ଼ିବନ୍ଧ ଓ ଆମ୍ବପୁଆ ରାସ୍ତା ମଝିରେ ଠାବ କରିଛି। ମୃତ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅଧୀନ ହିନ୍ଦୋଳା ଗ୍ରାମର କୁମୁଦ ଚନ୍ଦ୍ର ବାରିକ (୩୬)। ବିସୂର୍ଯ୍ୟନଗର ଥାନା ଅଧୀନ ହିନ୍ଦୋଳ ଗ୍ରାମର କୁମୁଦ ଚନ୍ଦ୍ର ବାରିକ କୌଣସି କାମ ନେଇ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ପୁକୁଡ଼ିବନ୍ଧ ଓ ଆମ୍ବପୁଆ ରାସ୍ତା ମଝିରେ ମୁମୂର୍ଷ ଅବସ୍ଥାରେ ପଡ଼ିରହିଥିଲେ। ଏନେଇ ଗୋପାଳପୁର ପୋଲିସ ପହଞ୍ଚି କୁମୁଦଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲରେ ସେଠାରେ ଚିକିତ୍ସା କରିବା ସମୟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନା କେସ ନଂ.୧/୨୩ରେ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ରବିବାର କୁମୁଦଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ସୋଫିଆ ମିଶ୍ର ସୂଚନା ଦେଇଛନ୍ତି।

## ଗୋପାଳପୁର-ଫୁଲବାଣୀ ରେଳଲାଇନ ଆଶା ବଢ଼ିଲା

ଭଞ୍ଜନଗର(ଡି.ଏନ.ଏ)/ଫୁଲବାଣୀ ଅଫିସ, ୪।୨

### ଧନ୍ୟବାଦ ଜଣାଇଲେ କନ୍ଧମାଳ ଏମ୍‌ପି




ପ୍ରସ୍ତାବିତ ରେଳ ଲାଇନ ନକ୍ସା ।

ଗୋପାଳପୁର ଭାୟା ଭଞ୍ଜନଗର, ଫୁଲବାଣୀ ସମ୍ବଲପୁର ନୂତନ ରେଳ ଲାଇନ ଆଶା ଧୀରେ ଧୀର ଫିଟୁଛି। ଚଳିତ ରେଳ ବଜେଟରେ ଉକ୍ତ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୦ କୋଟି ୧ ହଜାର ଟଙ୍କା ଦେଇଛନ୍ତି। ରାଜ୍ୟ ସରକାର କିଛିଦିନ ପୂର୍ବେ ଉକ୍ତ ପ୍ରକଳ୍ପ ପାଇଁ ୨ଶହ କୋଟି ଟଙ୍କା ମାଗିଥିଲେ । କିନ୍ତୁ କେନ୍ଦ୍ର ସରକାର ତା'ଠାରୁ ବହୁତ କମ୍ ରାଶି ଦେଇଛନ୍ତି। ରେଳ ବଜେଟରେ ଉକ୍ତ ପ୍ରକଳ୍ପ ପାଇଁ ୧୦ କୋଟି ମିଳିବା ପରେ ଭଞ୍ଜନଗର ଅଞ୍ଚଳର ଭାଜପା ନେତାମାନେ ବିଶେଷ କରି ଉତ୍ସାହିତ ହୋଇପଡ଼ିଛନ୍ତି । ସୂଚନାଯୋଗ୍ୟ ଯେ ଉକ୍ତ ପ୍ରକଳ୍ପ ପାଇଁ ୨ ହଜାର ୯୫୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲେ ମଧ ବର୍ତ୍ତମାନ କେନ୍ଦ୍ର ସରକାର ଦେଇଥିବା ୧୦ କୋଟିରେ ପ୍ରକଳ୍ପ ଅଗ୍ରଗତି ହୋଇପାରିବ ବୋଲି ଆଶା କରାଯାଉଛି। ଉକ୍ତ ପ୍ରକଳ୍ପରେ ପ୍ରାୟ ୨୫୦ କିମି ନୂତନ ରେଳ ଲାଇନ ହେବ। ବହୁବର୍ଷ ହେବ ଉକ୍ତ ପ୍ରକଳ୍ପ ପାଇଁ ଦାବି ହୋଇଆସୁଛି। ବର୍ତ୍ତମାନ ସୁଧା ଉକ୍ତ ପ୍ରକଳ୍ପର ଚୂଡ଼ାନ୍ତ ସର୍ଭେ ସରିନଥିବା ବେଳେ ଆଗକୁ ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଛି ।

ଏଥିପାଇଁ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । କନ୍ଧମାଳକୁ ରେଳ ଯୋଗାଯୋଗ ନେଇ ଏମ୍‌ପି ସାମନ୍ତ ବହୁବାର ରେଳମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରି ଆସୁଥିଲେ । ଏବେ ତାହା ବାସ୍ତବ ରୂପରେଖ ନେବାକୁ ଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜରିଆରେ ଡିପିଆର ପ୍ରସ୍ତୁତ ହୋଇ ନିତି ଆୟୋଗର ଅନୁମୋଦନ ଲାଭ ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିବ ବୋଲି ଏମ୍‌ପି ସାମନ୍ତ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

